ପ୍ରମେୟ
THE PRAMEYA

24.11.2021

# କ୍ୟାମ୍ପସରେ ଯୋଗଦେଲେ ଆଇଆଇଟି ଭୁବନେଶ୍ୱର ଫ୍ରେସର



ଭୁବନେଶ୍ୱର,୨୩ା୧୧(ବ୍ୟୁରୋ): ୨୦୨୧-୨୨ ଶିକ୍ଷାବର୍ଷ ପାଇଁ ଆଇଆଇଟି ଭୁବନେଶ୍ୱରର ପ୍ରଥମ ବର୍ଷ ବିଟେକ୍ ଏବଂ ଡୁଆଲ ଡିଗ୍ରୀ ଛାତ୍ରଛାତ୍ରୀ କ୍ୟାମ୍ପସରେ ଯୋଗ ଦେଇଛନ୍ତି। ସୂଚନାଯୋଗ୍ୟ, ଶେଷ ପର୍ଯ୍ୟାୟ ଜେଓଏସ୍ଏଏ କାଉନ୍ସେଲିଂ ପରେ ୨୦୨୧ ନଭେମ୍ବର ୨୦ରେ ୪୭୨ ଛାତ୍ରଛାତ୍ରୀଙ୍କୁ ଆଡ୍ମିସନ ଦିଆଯାଇଥିଲା। ଏଥିମଧ୍ୟରୁ ୯୦ ଜଣ ମହିଳା ଥିବାବେଳେ ୧୩୮ ଜଣଙ୍କ ବୟସ ୧୮ ବର୍ଷରୁ କମ୍।

ଚଳିତମାସ ୨୨ ତାରିଖ ଶେଷ ସୁଦ୍ଧା ୨୨୬ ଛାତ୍ରଛାତ୍ରୀ(୧୮୨ ଛାତ୍ର ଏବଂ ୪୪ ଛାତ୍ରୀ) କ୍ୟାମ୍ପସରେ ରିପୋର୍ଟ କରିଛନ୍ତି। ଅନୁଷ୍ଠାନ ପକ୍ଷରୁ ୧୮ ବର୍ଷରୁ କମ୍ ବୟସ୍କ ଛାତ୍ରଛାତ୍ରୀଙ୍କୁ ଘରେ ରହି ଅନ୍ଲାଇନ୍ ପଢ଼ିବାର ବିକଳ୍ପ ପ୍ରଦାନ କରାଯାଇଛି। ଏମାନଙ୍କ ମଧ୍ୟରୁ ମାତ୍ର ୨୦ ଜଣ ଘରେ ରହି ପଢ଼ିବାର ବିକଳ୍ପ ବାଛିଛନ୍ତି। ଅବଶିଷ୍ଟ ଛାତ୍ରଛାତ୍ରୀ ୨୪ ସୁଦ୍ଧା କ୍ୟାମ୍ପସରେ ପହଞ୍ଚିବେ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

ନିର୍ଦ୍ଦେଶକ ପ୍ରଫେସର ରାଜା କୁମାର କହିଛନ୍ତି ଯେ, ଟିକାକରଣ ହୋଇ ନ ଥିବା ୧୮ ବର୍ଷରୁ କମ୍ ଅଧିକାଂଶ ଛାତ୍ରଛାତ୍ରୀ କ୍ୟାମ୍ପସ ହଷ୍ଟେଲରେ ଯୋଗ ଦେଇଛନ୍ତି । ଏହା ଅତ୍ୟନ୍ତ ଖୁସିର ବିଷୟ। ସେମାନଙ୍କ ସୁରକ୍ଷା ପାଇଁ ଅନୁଷ୍ଠାନ ପକ୍ଷରୁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି। କ୍ୟାମ୍ପସରେ ଯୋଗ ଦେବା ପାଇଁ ଆର୍ଟି-ପିସିଆର୍ ନେଗେଟିଭ୍ ରିପୋର୍ଟ ବାଧ୍ୟତାମୂଳକ। କ୍ୟାମ୍ପସରେ ରିପୋର୍ଟ କରିବାର ୭୨ ଘଣ୍ଟା ପୂର୍ବରୁ ଟେଷ୍ଟ କରାଯାଇଥିବା ଦରକାର। ଛାତ୍ରଛାତ୍ରୀମାନେ ନବନିର୍ମିତ ଋଷିକୁଲ୍ୟା ହଲ୍ ଅଫ୍ ରେସିଡେନ୍ସରେ ୧୦ ଦିନ କ୍ୱାରେଣ୍ଟାଇନ୍‌ରେ ରହିବେ। ଏହି ହଲ୍ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିଲା। ସୁବର୍ଣ୍ଣରେଖା ହଲ୍ ଅଫ୍ ରେସିଡେନ୍ସରେ ମଧ୍ୟ ସବୁ ପ୍ରକାର ବ୍ୟବସ୍ଥା କରାଯାଇଥିବା ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଫ୍ରେସରମାନଙ୍କ ପାଇଁ କ୍ଲାସ ଚଳିତମାସ ୨୬ ତାରିଖରୁ ଆରମ୍ଭ ହେବ। ପ୍ରଥମ କିଛି ସପ୍ତାହ ପାଇଁ ଅନ୍ଲାଇନ୍ ମୋଡ୍‌ରେ ଏବଂ ପରେ ହାଇବ୍ରିଡ୍ ମୋଡ୍‌ରେ ହେବ। ଚଳିତ ଶିକ୍ଷାବର୍ଷର ଏକାଡେମିକ୍ସ ୨୦୨୨ ଜୁନ୍ ସୁଦ୍ଧା ଶେଷ ହେବ ବୋଲି ଡିନ୍(ଏକାଡେମିକ୍ ବ୍ୟାପାର) ଡ. ପି.ଆର୍. ସାହୁ ପ୍ରକାଶ କରିଛନ୍ତି।